# Akashvani, Sambalpur

## SAMBALPURI NEWS EVENING BULLETIN

**14 June 2025- 7.02 pm- 7.12 pm.**

*********************************************

୧- ବିଶ୍ୱ ଶାନ୍ତିର୍ ଲାଗି ଯୋଗ ହେଉଛେ ମାନବତାକେ ଭାରତ୍‌ର ଗୁଟେ ଅନନ୍ୟ ଅବଦାନ୍: ଯୋଗ ସଂଯୋଗ୍ ସମ୍ମିଲନୀଥି କହେଲେ କେନ୍ଦ୍ର ଆୟୁଷ୍ ମନ୍ତ୍ରୀ ।

୨- ଯାଜ୍‌ପୁର୍ ନ ଝାଡ଼ାବାନ୍ତି ସଂକ୍ରମଣ୍‌ର ଥିତି ସମୀକ୍ଷା ଲାଗି ଆସ୍‌ବେ କେନ୍ଦ୍ରୀୟ ଦଲ ।

୩- ଅହମଦାବାଦ୍ ବିମାନ୍ ଦୁର୍ଘଟଣାର୍ କାରଣ୍‌ର ଯାଂଚ୍ ଲାଗି ଉଚ୍ଚସ୍ତରୀୟ କମିଟି ଗଠନ୍ କଲେ କେନ୍ଦ୍ର ସର୍‌କାର୍ ।

୪- ଏନ୍.ଟି.ଏ. ତର୍‌ଫୁ ବାହାର୍‌ଲା ନିଟ୍ ୟୁଜି ପରୀକ୍ଷା ଫଲ୍ ।

୫- ରକ୍ତଦାନ୍‌କେ ତହଁକାବାର୍ ଉଧେ ଆଏଜ୍ ସାରା ପୁର୍‌ଥି ନ ପାଲନ୍ କରାଯାଉଛେ ବିଶ୍ୱ ରକ୍ତଦାତା ଦିବସ୍ ।

ଆଉର୍

୬- ଆଏଜ୍ ଠାନୁ ମୁଲ୍ ହେଲା କୃଷି ଭିତିକ ଗଣପର୍ବ ରଜ-ରାଏଜ୍ ସାରା ଉସ୍‌ନାକି ।

ଯୋଗ ଦିବସ୍        ଆର୍‌ଏନ୍‌ୟୁ/ କଟକ୍

ଯୋଗ ବିଶ୍ୱ ଶାନ୍ତି ଲାଗି ମାନବତାକେ ଭାରତ୍‌ର ଗୁଟେ ବଡ଼ ଅବଦାନ୍ ବଲି ଆୟୁଷ୍ ମନ୍ତ୍ରୀ ପ୍ରତାପ୍ ରାଓ ଯାଦବ୍ କହିଛନ୍ । ନୂଆଦିଲ୍ଲୀ ଠାନେ ଆୟୁଷ୍ ମନ୍ତ୍ରଣାଲୟ ତର୍‌ଫୁ ଆଏଜ୍ 'ଗୁଟେ ପୁର୍‌ଥି ଗୁଟେ ସ୍ୱାସ୍ଥ୍ୟ ଲାଗି ଯୋଗ'ର ବାର୍ତା ନେଇକରି ହେଇଥିବା ବିଶ୍ୱ ଯୋଗ ସମ୍ମିଲନୀ 'ଯୋଗ ସଂଗମ୍'ଥି ଯୋଗ୍ ଦେଇକରି ଶ୍ରୀ ଯାଦବ୍ କହିଛନ୍, ଯୋଗ ବିଶ୍ୱ କଲ୍ୟାଣ୍ ଦିଗେ ଭାରତ୍‌ର ଆକାଂକ୍ଷାର୍ ପ୍ରତିନିଧିତ୍ୱ କର୍‌ସି । ଯୋଗ କେନ୍‌ସି ବାଧା ନାଇଁ ରଖେ । ଧର୍ମ, ବର୍ଣ୍ଣ, ଲିଙ୍ଗ, ନିର୍ବିଶେଷଥି ଯୋଗ ସମ୍‌କୁ ମିଲିଥିସି ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଯାଦବ୍ କହିଛନ୍,

(ଭଏସ୍ ଓଭର-ଆୟୁଷ୍ ମନ୍ତ୍ରୀ)

ଆଝିର୍ ଇ କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ସଂସ୍କୃତି ଆଉ ପର୍ଯ୍ୟଟନ୍ ମନ୍ତ୍ରୀ ଯୋଗେନ୍ଦ୍ର ସିଂ ଶେଖାୱତ୍‌ଙ୍କର୍ ସହେତେ ବହୁତ୍‌ଟେ ସିଆନ୍ ସୁଜନ୍ ଯୋଗ୍ ଦେଇଥିଲେ । ୧୧ ନମ୍ବର୍ ଅନ୍ତର୍ଜାତୀୟ ଯୋଗ ଦିବସ୍ ପାଲନ୍ ହିସାବେ ଇ ସମ୍ମିଲନୀଥି ୧ ହଜାର୍‌ନୁ ଅଏତ୍‌କା ଲୋକ୍ ସାମିଲ୍ ହେଇଥିଲେ ।

ଥିତି ସମୀକ୍ଷା କର୍‌ବେ କେନ୍ଦ୍ରୀୟ ଦଲ୍          ହି.ସ.

ଯାଜ୍‌ପୁର୍, ଭଦ୍ରକ୍, କେନ୍ଦୁଝର୍ ଉତ୍‌ରୁ କଟକ୍ ନ ଝାଡ଼ାବାନ୍ତି ଦେଖାଦେଇଛେ ବଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍ ଡାକ୍ତର୍ ନୀଳକଣ୍ଠ ମିଶ୍ର କହିଛନ୍ । ସେ କହିଛନ୍, କଟକ୍ ସହର୍‌ର ଝିଙ୍କିରିଆ ଗ୍ରାମ୍ ପଂଚାୟତ୍ ନ ଭିଲ୍ କେତେ ଝନ୍ ଆକ୍ରାନ୍ତ ଚିହ୍ନଟ୍ ହେଇଛନ୍ । ହେଲେ ଯାଜ୍‌ପୁର୍‌ର ୮ ଝନ୍‌କୁ ଛାଡ଼ିକରି ଆର୍ କେନ୍‌ସି ରୋଗୀଙ୍କର୍ ନମୁନାଥି କଲେରା ଚିହ୍ନଟ୍ ନାଇଁ ହେଇ । ୧୪ ଝନିଆ କେନ୍ଦ୍ରୀୟ ଦଲ୍ ଆଏବା କାଏଲ୍ ଘଟ୍‌ନାଜାଗା ପରିଦର୍ଶନ୍ କର୍‌ବେ । ସେନ୍ତା ଆଏବା କାଏଲ୍ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍ ଆଉ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍ ଭିଲ୍ ଯିବେ ।

ଯାଜ୍‌ପୁର୍ ଝାଡ଼ାବାନ୍ତି                    ଯାଜ୍‌ପୁର୍ ସମ୍ବାଦଦାତା

ଯାଜ୍‌ପୁର୍ ଜିଲ୍ଲା ନ ଡାଇରିଆ ଥିତି ଧିରେ ଧିରେ ସୁଧୁରୁଛେ । ଯାଜ୍‌ପୁର୍, ଦାନ୍‌ଗଦି, ସୁକିନ୍ଦା, କୋରେଇ, ଧର୍ମଶାଳା ବ୍ଲକ୍ ଆଉ ବ୍ୟାସନଗର୍ ପୌର ପରିଷଦ୍ ଇଲାକା ନ ଆକ୍ରାନ୍ତମାନେ ଯାଜ୍‌ପୁର୍ ମୁଖ୍ୟ ଚିକିତ୍ସାଳୟ ନ ଶହେ ନୁ ଅଏତ୍‌କା ଚିକିତ୍ସିତ୍ ହେଉଥିବାର୍ ଜନାପଡ଼ିଛେ । ଏଛେନ୍ ଭିଲ୍ ୨ ଶହ ଝନ୍ ଆକ୍ରାନ୍ତ ଭିନ୍ ଭିନ୍ ଡାକ୍ତର୍‌ଖାନା ନ ଚିକିତ୍ସିତ୍ ହେଉଛନ୍ । ସତର୍କତାମୂଳକ୍ ପଦକ୍ଷେପ୍ ହିସାବେ ବାସି ଖାଦ୍ୟ ଯାଂଚ୍ ନେଇକରି ଭିନ୍ ଭିନ୍ ହୋଟେଲ୍ ଉପ୍‌ରେ ଚଢ଼ଉ ଜାରି

ରହିଛେ । ଜିଲ୍ଲା ପ୍ରଶାସନ୍ ଆଏଜ୍‌ଠାନୁ ଆଏବା ୧୬ ତାରିଖ୍‌ତକ୍ ସବୁ କର୍ମଚାରୀମାନ୍‌କର୍ ଛୁଟିକେ ବାତିଲ୍ କରିଛନ୍ ।

ସେଆଡ଼େ ଜାତୀୟ ସ୍ୱାସ୍ଥ୍ୟ ମିଶନ୍‌ର ଗୁଟେ ପ୍ରତିନିଧି ଦଲ୍ ଯାଜ୍‌ପୁର୍ ଯାଇକରି ଜିଲ୍ଲା ନ ଝାଡ଼ାବାନ୍ତି ରୋଗର୍ ଥିତି ବାବ୍‌ଦେ ସମୀକ୍ଷା କରିଛନ୍ । ମିଶନ୍‌ର ପରିଚାଲନା ନିର୍ଦ୍ଦେଶକ୍ ବୃନ୍ଦା ଡି’ଙ୍କର୍ ନେତୃତ୍ୱଥି ଯାଇଥିବା ଇ ପ୍ରତିନିଧି ଦଲ୍ ମୁଖ୍ୟ ଡାକ୍ତର୍‌ଖାନା ପରିସର୍ ନ ଥିତି ନେଇକରି ସମୀକ୍ଷା କରିଛନ୍ ।

ଏଆର୍-କ୍ରାସ୍ କମିଟି      ଆର୍‌ଏନ୍‌ୟୁ/ କଟକ୍

ସର୍‌କାର୍ ଅହମ୍ମଦାବାଦ୍ ଠାନେ ଏୟାର୍ ଇଣ୍ଡିଆ ବିମାନ୍ ଦୁର୍ଘଟଣାର୍ କାରଣ୍ ଯାଂଚ୍ ଲାଗି ଗୁଟେ ଉଚ୍ଚସ୍ତରୀୟ କମିଟି ଗଠନ୍ କରିଛନ୍ । ଦୁର୍ଘଟଣାର୍ କାରଣ୍ ନେଇକରି ଇ କମିଟି ଯାଚ୍ କର୍‌ବାର୍ ସହେତେ ଭବିଷ୍ୟତ୍ ନ ଏନ୍ତା ଘଟ୍‌ନାର୍ ମୁକାବିଲା ଲାଗି ଆବଶ୍ୟକ ପରାମର୍ଶ ଦେବା ବଲି ସୋସିଆଲ୍ ମିଡ଼ିଆ ପୋଷ୍ଟ୍‌ଥି ବେସାମରିକ୍ ବିମାନ୍ ଚଲାଚଲ୍ ମନ୍ତ୍ରଣାଳୟ ତର୍‌ଫୁ କୁହାଯାଇଛେ । ସେଆଡ଼େ କେନ୍ଦ୍ର ସ୍ୱରାଷ୍ଟ ରାଷ୍ଟ୍ର ମନ୍ତ୍ରୀ ହର୍ଷ ସାଙ୍ଘଭୀ ଆଏଜ୍ ଗାନ୍ଧୀ ନଗର୍ ଠାନେ ଥିବା ଏଫ୍.ଏସ୍.ଏଲ୍ ଆର୍ ଏନ୍.ଏଫ୍.ଏସ୍.ୟୁ ପରିଦର୍ଶନ୍ କରିକରି ଡିଏନ୍‌ଏ ପରୀକ୍ଷଣ୍ ପ୍ରକ୍ରିୟାର୍ ସମୀକ୍ଷା କରିଛନ୍ । ଆଏବା ୩୦ ତାରିଖ୍ ଦିନ

ଦେଶର୍ ସବୁ ବିମାନ୍ ବନ୍ଦର୍ ନ ମକ୍‌ଡ୍ରିଲ୍ ହେବା ବଲି ଡିଜିସିଏ ନିର୍ଦ୍ଦେଶ୍ ଦେଇଛନ୍ ।

ବିଜେପି ସର୍‌କାର୍‌ଙ୍କର୍ ଗୁଟେ ବଛର୍ ପୂର୍ତି

ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ନେତୃତ୍ୱଥି ରାଏଜେ ବିଜେପି ସର୍‌କାର୍‌ଙ୍କର୍ ଗୁଟେ ବଛର୍ ପୂର୍ତି ଉଧେଁ ଆଏବା ୨୦ ତାରିଖ୍ ଦିନ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୁବ୍‌ନେଶ୍ୱର୍ ଗସ୍ତଥି ଆସ୍‌ବେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଉପସ୍ଥିତିଥି ଅନ୍ତ୍ୟୋଦୟ ଗୃହ ଯୋଜ୍‌ନାଥି ୫୦ ହଜାର୍ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ୍ ବଂଟାଯିବା । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ତ୍ରିରଙ୍ଗା ଯାତ୍ରାଥି ସାମିଲ୍ ହେବାର୍ ସହେତେ ଗୁଟେ ରୋଡ୍‌ସୋ କର୍‌ବେ ବଲି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ସୂଚ୍‌ନା ଦେଇଛନ୍ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ବହୁତ୍‌ଟେ ନୂଆଁ ଯୋଜ୍‌ନାର୍ ଶୁଭାରମ୍ଭ କର୍‌ବେ । ଇଥି ମହାପୁରୁଷ ଆଦର୍ଶ ଗ୍ରାମ ଯୋଜ୍‌ନା ଭିଲ୍ ସାମିଲ୍ ହେଇପାରେ ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ପୁରୀ-ଦଇତାପତି ନିଯୋଗ୍-ବୈଠକ୍ ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ରଥଯାତ୍ରା ସୁପରିଚାଳନା ଲାଗି ଆଏଜ୍ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକଙ୍କର୍ ସଙ୍ଗେ ଦଇତାପତି ନିଯୋଗ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ୍ ହେଇଯାଇଛେ । ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକ୍‌ଥି ଅଣସରନୀତି, ନବଯୌବନ, ନେତ୍ରୋତ୍ସବ୍, ରଥଯାତ୍ରା, ବାହୁଡ଼ାଯାତ୍ରା, ସୁନାବେଶ ଆର୍ ନୀଳାଦ୍ରୀ ବିଜେତକ୍ ଶୃଙ୍ଖଳିତ୍ କର୍‌ବାର୍ ଉପ୍‌ରେ ଆଲୋଚନା କରାଯାଇଛେ । ଶ୍ରୀମନ୍ଦିର୍ ପ୍ରଶାସନ୍‌ର ସବୁ ବ୍ୟବସ୍ଥାକେ ମାନ୍‌ବାର୍ ଲାଗି ପହଣ୍ଡି ସମିଆଥି ଉତମ୍ ସମନ୍ୱୟ ବାବ୍‌ଦେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଥିଲା । ସେଆଡ଼େ ରଥଯାତ୍ରା ସମିଆଥି ରତ୍ନଭଣ୍ଡାର୍ ମରାମତି କାମ୍ ଶେଷ୍ କର୍‌ବାର୍ ଲାଗି ଭାରତୀୟ ପ୍ରତ୍ନତାତ୍ୱିକ୍ ସର୍ବେକ୍ଷଣ୍ ସଂସ୍ଥା- ଏଏସ୍‌ଆଇକେ ମନ୍ଦିର୍ ପ୍ରଶାସନ୍ ତର୍‌ଫୁ ଚିଠି ଲେଖାଯାଇଛେ ।

ନିଟ୍ ୟୁଜି ପରୀକ୍ଷାଫଲ୍          ଆର୍‌ଏନ୍‌ୟୁ/ କଟକ୍

ଜାତୀୟ ପରୀକ୍ଷଣ୍ ସଂସ୍ଥା - ଏନ୍‌ଟିଏ ପରିଚାଳିତ୍ ନିଟ୍ ୟୁଜି ପରୀକ୍ଷାଫଲ୍ ଆଏଜ୍ ବାହାରିଛେ । ପରୀକ୍ଷାଥି ସ୍ନେହାଶିଷ ଦାସ ଓଡ଼ିଶା ନ ଟପର୍ ହେଇଛନ୍ । ଗଲା ମେ ମାସର୍ ୪ ତାରିଖ୍ ଦିନ ହେଇଥିବା ପରୀକ୍ଷାଥି ୨୨ ଲାଖ୍‌ନୁ ଅଏତ୍‌କା ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ଦେଶର୍ ୫ ହଜାର୍‌ନୁ

ଅଏତ୍କା ପରୀକ୍ଷା କେନ୍ଦ୍ର ନ ମୋଟ୍ ୧୩ ଟା ଭାଷାଥି ପରୀକ୍ଷା କରାଯାଇଥିଲା । ଛାତ୍ରଛାତ୍ରୀମାନେ nta.nic.in ଥି ଇ ବାବ୍ଦେ ଅଏତ୍କା ସୂଚ୍ନା ପାଇପାର୍ବେ ବଲି ଏନ୍ଟିଏ ତର୍ଫୁ କୁହାଯାଇଛେ ।

ରକ୍ତଦାତା ଦିବସ୍ ଆର୍ଏନ୍ୟୁ/ସମ୍ବଲପୁର/ବୌଦ୍ଧ/ସୁବର୍ଣ୍ଣପୁର୍

ରକ୍ତଦାନ୍ର ମହତ୍ୱ ଆଉ ରକ୍ତଦାନ୍କେ ତହଁକାବାର୍ ଲାଗି ଆଏଜ୍ ବିଶ୍ୱ ରକ୍ତଦାତା ଦିବସ୍ ପାଲନ୍ କରାଯାଉଛେ । ବ୍ଲଡ୍ ଗ୍ରୁପ୍ ଆବିଷ୍କାର୍ କରିଥିବା ନୋବେଲ୍ ପୁରସ୍କାର୍ ବିଜେତା ବୈଜ୍ଞାନିକ୍ କାର୍ଲ୍ ଲ୍ୟାଣ୍ଡଷ୍ଟିନ୍ଙ୍କର୍ ଜନମ୍ ଦିନ୍କେ ସୋର୍ କରିକରି ଫି' ବଛର୍ ଆଝିର୍ ଦିନ୍କେ ବିଶ୍ୱ ରକ୍ତଦାତା ଦିବସ୍ ଭାବେ ପାଲନ କରାଯାଏସି । ଇ ବଛରର୍ ବାର୍ତା ରହିଛେ 'ରକ୍ତଦାନ୍ କରୁନ୍, ଆଶା ସୃଷ୍ଟି କରୁନ୍- ଦୁହିଟା ଜୀବନ୍ ବଁଚାସି' । ମୁନୁଷ୍ ଜୀବନ୍ ରକ୍ଷା ଲାଗି ସ୍ୱେଚ୍ଛାକୃତ ରକ୍ତଦାନ୍ କର୍ବାର୍ ସଂକଳ୍ପ ନେବାର୍କେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ସମ୍କୁ ଆହ୍ୱାନ୍ ଜନେଇଛନ୍ । ଇ ଅବ୍ସରେ ମନ୍ତ୍ରୀ କହିଛନ୍, ରାଏଜେ ରକ୍ତର୍ ବହୁତ୍ଟେ ଆବଶ୍ୟକତା ରହିଛେ । ଇଟାକେ ପୂରଣ୍ କର୍ବାର୍ ଲାଗି ସଭେ ପ୍ରୟାସ୍ ଜାରି ରଖିବାର୍କେ ପଡ଼୍ବା । ରକ୍ତଦାତା ଦିବସ୍ ଅବ୍ସରେ ରକ୍ତଦାନ୍ ଲାଗି ଅଲ୍ଗାମାନ୍କୁ ଉତ୍ସାହିତ୍

କର୍‌ବାର୍ ସହେତେ ଲୁକ୍‌କୁ ସଚେତନ୍ କର୍‌ବାର୍‌କେ ସେ ପରାମର୍ଶ ଦେଇଛନ୍ । ରକ୍ତଦାନ୍‌ର ମହତ୍ୱ ବାବ୍‌ଦେ ବୁର୍ଲା ଭୀମ୍‌ସାର୍‌ର ରକ୍ତସଂଚାଲନ୍ ବିଭାଗ୍‌ର ମୁଖ୍ୟ ପ୍ରଫେସର୍ ଡାକ୍ତର୍ ଚିତରଞ୍ଜନ୍ ପ୍ରସାଦ୍ କହିଛନ୍,

(ଭଏସ୍ ଓଭର୍- ରକ୍ତସଂଚାଲନ୍ ବିଭାଗ୍‌ର ମୁଖ୍ୟ)

ବୌଦ୍ଧ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ଜିଲ୍ଲା ତାଲିମ୍ କେନ୍ଦ୍ର ଠାନେ ଆଏଜ୍ ବିଶ୍ୱ ରକ୍ତଦାତା ଦିବସ୍ ପାଲନ୍ କରାଯାଇଛେ । ବୌଦ୍ଧ ଜିଲ୍ଲା ରେଡ଼କ୍ରସ୍, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ୍ ଆଉ ରକ୍ତଦାତା ପ୍ରବର୍ତକ୍ ସଂଘ ତର୍‌ଫୁ ହେଇଥିବା ଗୁଟେ ସମ୍ବର୍ଦ୍ଧନା ଉତ୍ସବ୍‌ଥି ରକ୍ତଦାନ୍ କରିଥିବା ସମାଜ୍‌ସେବୀ ଆଉ ଅନୁଷ୍ଠାନ୍‌ମାନ୍‌କୁ ମାନପତ୍ର ଆଉ ଉପଢ଼ୌକନ ଦେଇକରି ସମ୍ବର୍ଦ୍ଧନା ଦିଆଯାଇଥିଲା । ଇ ଅବ୍‌ସରେ ଗୁଟେ ରକ୍ତଦାନ୍ ଶିବିର୍ ହେଇଥିଲା ।

ସେନ୍ତା ସୁବର୍ଣ୍ଣପୁର୍ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାନେ ଜିଲ୍ଲାସ୍ତରୀୟ ବିଶ୍ୱ ରକ୍ତଦାତା ଦିବସ୍ ପାଲିତ୍ ହେଇଯାଇଛେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଆଉ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର୍ ପ୍ରଦୀପ୍ କୁମାର୍ ଗୁରୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ରକ୍ତଦାନ୍, ନୂଆଁ ଆଶା ଭର୍‌ବାର୍ ଆଉ ମିଳିତ୍ ଚେରେଷ୍ଟାଥି ଲୁକ୍‌କର୍ ଜୀବନ୍ ବଁଚାବାର୍ ଉପ୍‌ରେ ଆଲୋଚନା କରାଯାଇକରି ସନ୍ତୁଳିତ୍ ଖାଦ୍ୟ, ଉତମ୍ ଜୀବନ୍‌ଶୈଳୀ, ଶାରୀରିକ୍ ପରିଶ୍ରମ୍,

ଯୋଗ ଆଉ ଧ୍ୟାନ ଅଭ୍ୟାସ୍ କର୍‌ବାର୍ ଉପ୍‌ରେ ଲୁକ୍‌କୁ ସଚେତନ୍ କରାଯାଇଥିଲା । ଇ ଅବ୍‌ସରେ ୧୫ ଝନ୍ ରକ୍ତଦାନ୍ କରିଥିଲେ ।

ରଜ ଆର୍‌ଏନ୍‌ୟୁ ସମ୍ବଲପୁର୍

ରାଏଜେ ଆଏଜ୍‌ଠାନୁ ୩ ଦିନିଆ କୃଷିଭିତିକ ରଜ ପର୍ବ ପାଲନ୍ ମୁଲ୍ ହେଇଛେ । ଆଏବାକାଏଲ୍ ରଜ ସଂକ୍ରାନ୍ତି ଆର୍ ତାର୍ ଆରଦିନ ଭୂମିଦହନ ପାଲନ୍ ହେବା । ଆଷାଢ଼ ମାସ୍ ମୁଲ୍ ନୁ ମୌସୁମୀ ଆଏସି । ଶୁଖା ଭୂଇଁ ନ ବର୍ଷା ପାଏନ୍ ପଡ଼୍‌ବାର୍ ଉତ୍‌ରୁ ମାଏଟ୍‌ର ପ୍ରଜନନ ଶକ୍ତି ବଢ଼୍‌ସି । ସେଥିର୍‌ଲାଗି ଇ ତିନ୍‌ହି ଦିନ ଜମି ଚାଷ୍ ଆର୍ ଅଲ୍‌ଗା ଚାଷ୍ କାମ୍ ନାଇଁ କରାଯାଏ । ପରମ୍ପରା ଅନ୍‌ସାରେ ଇ ତିନ୍‌ହି ଦିନ ବିଶ୍ରାମ ଆର୍ ମନୋରଞ୍ଜନ୍‌ର ସମିଆ ହେଇଥିବାର୍‌ନୁ ଗାଁନୁ ସହର୍ ତକ୍ ରଜ ପର୍ବ ପାଲନ୍ କରାଯାଉଛେ । ରଜଥି ଟୁକେଲ୍‌ମାନେ ନୂଆଁ କପ୍‌ଡ଼ା ଲତା ପିନ୍ଧିକରି ଦୁଲି ଝୁଲ୍‌ବାର୍ ପରମ୍ପରା ରହିଛେ । ଇ ଅବ୍‌ସରେ ପୋଡ଼ପିଠା ସହେତେ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ମାନ୍ ପାଲନ୍ କରାଯାଉଛେ । ରଜ ପର୍ବ ଉତ୍‌ରୁ ୪ ନମ୍ବର୍ ଦିନ ବସୁମତୀ ସ୍ନାନ କରାଯିବାର୍ ସହେତେ ରଜ ପର୍ବ ଶେଷ୍ ହେସି ।

ରଜ ପର୍ବ ଅବ୍‌ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁଭେଚ୍ଛା ଜନେଇଛନ୍ । ସାମାଜିକ ଗଣମାଧ୍ୟମ୍‌ଥି ରାଷ୍ଟ୍ରପତି କହିଛନ୍, ବର୍ଷା ଋତୁ ଆସ୍‌ବାର୍‌ଥି ମାଟି ମା'କେ ସମ୍ମାନ୍ ଜନେଇକରି ପିଠା,

ମିଠା, ଦୁଲି, ବାଗ୍‌ଡ଼ି ଖେଲ୍, ଆର୍ ପାନ୍‌ର ଆୟୋଜନ୍ ଭିତ୍‌ରେ କୃଷିଭିତିକ୍ ପର୍ବ ଓଡ଼ିଶାର୍ ସବୁଆଡ଼େ ପାଲନ୍ ୩ ଦିନ୍‌ତକ୍ ପାଲନ୍ କରାଯାଏସି । ଇଥିନୁ ଆମେ ପ୍ରକୃତି ସଙ୍ଗେ ମିଲି ମିଶିକରି ଚଲ୍‌ବାର୍ ପ୍ରେରଣା ଗ୍ରହଣ୍ କର୍‌ବାର୍ ଉଚିତ୍ । ଇ ଅବ୍‌ସରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ରାଜ୍ୟ ଆଉ ଦେଶ୍‌ବାସୀଙ୍କର୍ ସୁଖ ସମୃଦ୍ଧି କାମନା କରିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରଜ ପର୍ବ ଅବ୍‌ସରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ରଜ ଓଡ଼ିଆ ସଂସ୍କୃତିର୍ ଗୁଟେ ମହାନ୍ ପର୍ବ । ଇ ପର୍ବ ସମାଜ୍‌ଥି ଲିଙ୍ଗଗତ ସମାନତା ଆଉ ସଶକ୍ତିକରଣ୍‌ର ବାର୍ତା ଦେଇଥିସି ବଲି ମୁଖ୍ୟମନ୍ତ୍ରୀ କହିଛନ୍ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସାମାଜିକ୍ ଗଣମାଧ୍ୟମ୍‌ଥି ରାଜ୍ୟର୍ ଗଣପର୍ବ ରଜ ଅବ୍‌ସରେ ଶୁଭେଚ୍ଛା ଜନେଇକରି ପ୍ରକୃତି, ଧରିତ୍ରୀ ଆଉ ନାରୀକେ ପୂଜା କର୍‌ବାର୍ ଆଉ ସମ୍ମାନ୍ ଜନାବାର୍ ଇ ପର୍ବ ଅନନ୍ୟ ପରମ୍ପରା ବଲି କହିଛନ୍ ।

ଖେଲ୍            ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଇଏସ୍‌ଏସ୍‌ଏଫ୍ ୱାର୍ଲ୍ଡକପ୍ ଥି ଅର୍ଜୁନ୍ ବାବୁତା ଆର୍ ଆର୍ଯ୍ୟ ରାକେଶ୍ ବୋର୍ଷେ ୧୦ ମିଟର୍ ଏୟାର୍ ରାଇଫଲ୍ ମିଶ୍ରିତ୍ ଦଲ୍ ଇଭେଂଟ୍‌ଥି ଚୀନ୍‌କେ ହରେଇକରି ସ୍ୱର୍ଣ୍ଣପଦକ୍ ପାଇଛନ୍ । ସେନ୍ତା ଆଇସିସି ବିଶ୍ୱ ଟେଷ୍ଟ ଚମ୍ପିଆନ୍‌ସିପ୍‌ଥି ଦକ୍ଷିଣ ଆଫ୍ରିକା ଚମ୍ପିଆନ୍ ହେଇଛେ । ଫାଇନାଲ୍ ମେଚ୍‌ଥି ଦକ୍ଷିଣ ଆଫ୍ରିକା -

ଅଷ୍ଟ୍ରେଲିଆକେ ୫ ଓ୍ୱିକେଟ୍‌ରେ ହରେଇକରି ଇ ଟେଷ୍ଟ୍ ଚମ୍ପିଆନ୍‌ସିପ୍ ଜିତିଛେ ।